# ୩. ଅଶ୍ୱଗନ୍ଧା

**ଉଭିଦ ପରିଚୟ**

ଅଶ୍ୱଗନ୍ଧା ଏକ ଗୁଳ୍ମ ଜାତୀୟ ଉଭିଦ | ଏହାର ଉଚତା ୧.୨୫ ମିଟର ଲମ୍ବା ହେଇଥାଏ ପତ୍ର ଲୋମଯୁକ୍ତ ଅଣ୍ଡାକାର ହେଇଥାଏ | ଫୁଲ ହରିତ ସବୁଜ ରଙ୍ଗ ଓ ମଞ୍ଜି ମଟର ଦାନା ଭଳି ଯାହା ପାଚିଲା ପରେ ଲାଲ ରଙ୍ଗର ହେଇଥାଏ | ବିଶ୍ୱରେ ୧୦ ପ୍ରଜାତିର ଅଶ୍ୱଗନ୍ଧା ଦେଖିବାକୁ ମିଳିଥାଏ ସେଠି ମଧ୍ୟରୁ ଭାରତ ରେ ୨ ପ୍ରଜାତିର ଅଶ୍ୱଗନ୍ଧା ଦେଖିବାକୁ ମିଳିଥାଏ | ଭାରତରେ ଅଶ୍ୱଗନ୍ଧା ର ବ୍ୟବହାର ପାରମ୍ପରିକ ପଦ୍ଧତି ଓ ଆୟୁର୍ବେଦ ଚିକିତ୍ସା ପଦ୍ଧତି ରେ ବହୁଳ ବ୍ୟବହାର କରାଯାଏ |

ବେଙ୍ଗଲୀ ନାମ - ଅଶ୍ୱଗନ୍ଧା

ଓଡ଼ିଆ ନାମ - ଅଶ୍ୱଗନ୍ଧା

ମରାଠୀ ନାମ- ଅସଂଦିନ

ହିନ୍ଦୀ ନାମ - ଅସଗନ୍ଧ

ସଂସ୍କୃତ ନାମ - କାମରୂପିଣୀ, ଭାଜିନି

ଇଂରାଜୀ ନାମ- winter cherry

**ଚାଷ ପ୍ରଣାଳୀ:**

**ମୃର୍ତ୍ତିକା ଓ ଜଳବାୟୁ:**

ଅଶ୍ୱଗନ୍ଧା ଚାଷ ନିମନ୍ତେ ବାଲିଆ-ଦୋରସା ମାଟି କିମ୍ବା ଇଷଦ ମୋରମ ମାଟି ପି.ଚ. ୭.୫ ରୁ ୮.୦ ପର୍ଯ୍ୟନ୍ତ ଥିବା ଉପଯୋଗୀ | ଏହି ଚାଷ ନିମନ୍ତେ ନିଗିଡ଼ା ଜମି ହେଇଥିବା ଜରୁରୀ ନଚେତ ଜମିରେ ପାଣି ଜମିଲେ ଏହାର ମୂଳ ପଚି ଯାଇଥାଏ | ଉପ-ଉଷ୍ଣ ଜଳବାୟୁ ଏବଂ ୫୦୦ ରୁ ୭୫୦ ମିଲି. ମିଟର ବର୍ଷା ହେଉଥିବା ଅଂଚଳ ହିଁ ଅଶ୍ୱଗନ୍ଧା ଚାଷ ନିମନ୍ତେ ଉପଯୁକ୍ତ |

**ମୁଖ୍ୟ କ୍ଷେତ ପ୍ରସ୍ତୁତି:**

ଜମି ପ୍ରସ୍ତୁତି ସମୟରେ ହେକଟରେ ପିଛା ୧୨ ଟନ ଗୋବର ଖତ,୫୦୦ କି. ଗ୍ରା ଜିଆ ଖତ, ୧୦୦ କି. ଗ୍ରା. ନିମ କେକ ମିଶାଇ ୩ ଓର ହଳ କରି ଜମିପ୍ରସ୍ତୁତି କରିବାକୁହେବ |

**ଟାରା ରୋପଣ /ମଞ୍ଜି ବୁଣିବା:**

ଅଶ୍ୱଗନ୍ଧା ଚାଷ ୩ ପ୍ରକାର ପଦ୍ଧତି ରେ କରାଯାଏ ଯଥା - ଚାରା ରୋପଣ, କ୍ଷେତରେ ସିଧାସଳଖ ମଞ୍ଜି ବୁଣିବା ଏବଂ ଧାଡିରେ ମଞ୍ଜି ରୋପଣ କରିବା କିନ୍ତୁ କ୍ଷେତରେ ସିଧାସଳଖ ମଞ୍ଜି ବୁଣିବା ମାଧ୍ୟମ ଦ୍ୱାରା ଏହାର ଅମଳ ଭଲ ହେଇଥାଏ | ୧ ହେକ୍ଟର ଜମି ଚାଷ ନିମନ୍ତେ ୧୨ ରୁ ୧୫ କି.ଗ୍ରା. ମଞ୍ଜି ଆବଶ୍ୟକ ପଡିଥାଏ | ମଞ୍ଜି ବୁଣିବା ପରେ ମଞ୍ଜି ଗୁଡିକ ଯେପରି ୧-୨ ସେ.ମି. ମାଟି ମଞ୍ଜି ଉପରେ ରହିବା ଦରକାର ନଚେତ ମଞ୍ଜି ଗଜା ବାହାରି ନଥାଏ | ଖରିଫ ଋତୁରେ ଚାଷ କରାଯାଉଥିବାରୁ ଜୁନ ଦ୍ୱିତୀୟ ସପ୍ତାହରୁ ତୃତୀୟ ସପ୍ତାହ ମଧ୍ୟରେ ମଞ୍ଜି ବୁଣାଯିବ ଜରୁରୀ |

### ଚାରା ପତଳିକାରଣ ଓ ଘାସ ବାଛିବା:

ମଞ୍ଜି ବୁଣିବାର ୨୫ ରୁ ୩୦ ଦିନ ପରେ ଚାରା ଗୁଡିକ ପତଳିକାରଣ କରିବା ଜରୁରୀ ନଚେତ ଚାରା ଗୁଡିକ ଭଲ ବଢିବା ନାହିଁ | ଏକ ବର୍ଗମିଟର ଜାଗାରେ ୪୫-୬୦ ଚାରା ରହିବ ଦରକାର (ଏକ ହେକ୍ଟର ଜମିରେ ୪.୫ -୬ ଲକ୍ଷ୍ୟ ଚାରା) ତାହା ସହିତ ଜମିରୁ ଅନାବନା ଘାସ ବାଛିବା ଦରକାର |

### ଜଳସେଚନ

ଯଦି ବର୍ଷା ସମୟ ସମୟରେ ହେଉଥାଏ ତାହାହେଲେ ଜଳସେଚନ ର ଆବଶ୍ୟକତା ପଡ଼ିନଥାଏ କିନ୍ତୁ ବର୍ଷା ଯଦି ୧୫ ଦିନରୁ ଅଧିକ ସମୟ ଧରି ନହୁଏ ତାହାହେଲେ ଜଳସେଚନ ର ଆବଶ୍ୟକତା ପଡିଥାଏ | ଧ୍ୟାନ ଦେବା ଦରକାର ଯେପରି ଜମିରେ ପାଣି ଜମି କରି ନରହେ |

### ଅମଳ:

ମଞ୍ଜି ବୁଣିବାର ୧୫୦- ୧୮୦ ଦିନ ମଧ୍ୟରେ ଏହା ଅମଳ କ୍ଷମ ହୋଇଥାଏ | ଯେତେବେଳେ ଏହାର ପତ୍ର ଗୁଡିକ ସାମାନ୍ୟ ହଳଦିଆ ରଙ୍ଗର ହୋଇଗଲେ ଆମେ ଜାଣିବା ଯେ ଏହା ଅମଳ ଉପଯୁକ୍ତ | ଏହାର ଅମଳ ସଠିକ ସମୟରେ କରାନଗଲେ ଅଶ୍ୱଗନ୍ଧା ଚେର ର ବଜ଼ାର ମୂଲ୍ୟ ହ୍ରାସ ପାଇଥାଏ କାରଣ ସଠିକ ସମୟ ପୂର୍ବରୁ ଅମଳ କରିଲେ ଚେରରେ ଔଷଧୀୟ ଗୁଣ କମ ରହିଥାଏ କିମ୍ବା ସଠିକ ସମୟ ପରେ ଅମଳ କରିଲେ ଚେରରେ ଫାଇବର ବୃଦ୍ଧି ହେଇଯାଏ ତେଣୁ ଏଥିପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ |

### ଅମଳ ପରବର୍ତ୍ତୀ ଯତ୍ନ

ଅମଳ ପରେ ଗଛ ଗୁଡ଼ିକରୁ ଚେର କୁ ପ୍ରଥମେ କାଟି ଅଲଗା କରିବାକୁ ହେବ | ଏହା ପରେ ଏହି ଚେର ଗୁଡିକୁ ପରିଷ୍କାର ପାଣିରେ ଭଲ ଭାବରେ ସଫାକରି ଏହାକୁ ଛୋଟ ଛୋଟ ଖଣ୍ଡରେ (୭-୧୦ ସେ. ମି. ) କାଟି ଖରାରେ ସୁଖେଇବାକୁ ହେବ | ଏହା ସମ୍ପୂର୍ଣ ଶୁଖିଗଲାପରେ ପରିଷ୍କାର ଥଳିରେ ସଂରକ୍ଷଣ କରାଯାଏ | ହେକ୍ଟର ପ୍ରତି ହାରାହାରି ୫୦୦ କିଲୋ ଗ୍ରାମ ଶୁଖିଲା ଅଶ୍ୱଗନ୍ଧା ଅମଳ ହୋଇଥାଏ |

**ଆୟ ବ୍ୟୟ ଅଟକଳ**

୧. ହେକ୍ଟର ପିଛା ଖର୍ଚ୍ଚ

| **କ୍ରମିକ ନମ୍ବର** | **ଖର୍ଚ୍ଚ ବିଶେଷ** | **ପରିମାଣ** | **ଟଙ୍କା ର ପରିମାଣ** |
|---|---|---|---|
| ୧ | ମଞ୍ଜି | ୧୫ କିଲୋ ଗ୍ରାମ | ୭,୫୦୦ |
| ୨ | ମୁଖ୍ୟ କ୍ଷେତ ପ୍ରସ୍ତୁତି | | ୫,୨୫୦ |
| ୩ | ଗୋବର ଖତ | ୧୨ ଟନ | ୭,୫୦୦ |
| ୪ | ଜିଆ ଖତ | ୫୦୦ କେ. ଜି | ୪,୦୦୦ |
| ୫ | ନିମ କେକ | ୧୦୦ କେ. ଜି | ୧,୩୦୦ |
| ୬ | ଜଳସେଚନ | | ୩,୦୦୦ |
| ୭ | ଘାସ ବଛା | | ୩,୦୦୦ |
| ୮ | କୀଟନାଶକ | | ୨,୫୦୦ |
| ୯ | ଅମଳ | | ୫,୦୦୦ |
| | | **ମୋଟ** | **୩୯,୦୫୦** |

୨. ଆୟ

ଅଶ୍ୱଗନ୍ଧା କିଲୋଗ୍ରାମ ପ୍ରତି ବଜ଼ାର ଦାମ - ୪୦୦ ଟଙ୍କା

ହେକ୍ଟର ପ୍ରତି ଅଶ୍ୱଗନ୍ଧା ଅମଳ - ୫୦୦ କିଲୋ ଗ୍ରାମ

ଆୟ - ୨,୦୦,୦୦୦ ଟଙ୍କା